When a child is made to understand the value of each grain that is produced by the farmers not only in terms of monetary cost-benefit analysis but also the labour inputed by the farmer for this and the physiological process that a plant undergoes to produce it. So cost of each grain should be calculated not only in terms of farmers labour or money but also by paying a sense of gratitude to the producers (the farmer and the plants).

The gratitude/ respect for the producers develop a sense of belongingness for their noble work.

Regard for their service would make them stronger enough to deal with the adverse situations Secondary things to promote this may be to set up an Indian Agriculture Service, to teach them to become firm entrepreneurs or hand holding by providing jobs Maximum Support Price (MSP) and Maximum Government incentives for those farmers.

Simply helping the distressed by digitalization or by providing robotic techniques for their work would never solve the problem but only will force them to leave their work and choose some other profession- the main cause of the great Indian agro brain drain. There should be a mutual respect for people who feed the country and countrymen who care for these people, without whom the entire nation will undergo starvation. Simply making money or doing some other job of high profile would not mean anything when life is at stake. So we all should think of the seriousness of the problem and start working on it. The farmers are indeed the backbone of the nation's economy. They need to be encouraged more and more emotionally and ethically in the larger interest of the country's progress.

**Geetanjali Rath**
Damamjodi

# Farmers are the Backbone of the Modern World



In a world where the average person is disconnected from where their food comes from, it's more important than ever to highlight the importance of farmers. They are the backbone of our food system and play a vital role in ensuring that we have access to fresh, nutritious food. In a modern era where we are increasingly reliant on technology and processed foods, farmers provide a much-needed link to our food's origins.

1. Farmers are the backbone of the modern world.

The world would be a very different place without farmers. They provide us with the food we eat, the clothes we wear, and the materials we use to build our homes. Farmers are the backbone of the modern world.

Without farmers, we would have to find other ways to get our food. We might have to hunt and gather it as our ancestors did. Or we might have to rely on food that is grown in factories. Neither of these options is as good as the food we get from farmers.

Farmers also provide us with the materials we need to build our homes. Wood, straw, and stone are all materials that come from farms. Farmers also provide us with the wool that is used to make our clothes.

Without farmers, the world would be a very different place. They are the backbone of the modern world.

2. They provide us with food, clothing, and shelter.

Farmers play a vital role in our society. They provide us with food, clothing, and shelter. Without farmers, we would not be able to survive.

Farmers work hard to provide us with the necessities of life. They grow crops and raise animals to provide us with food. They also grow fiber crops to provide us with clothing. And they provide us with shelter by building houses and barns.

Without farmers, we would be lost. They are an essential part of our society.

3. They help us to live healthy and sustainable lives.

As the world becomes more and more industrialized, it is important to remember the importance of farmers in our lives. They provide us with the food we need to live healthy and sustainable lives.

Farmers who work hard to ensure that we have access to fresh, nutritious food. They use sustainable practices to protect the environment and our health. When we buy from farmers' markets or support local farmers, we are helping to create a healthier, more sustainable world.

By eating locally grown food, we are getting the best possible nutrition. Farmers use fresh, natural ingredients and grow their food without the use of harmful pesticides. This means that we are getting the most nutrient-rich food possible.

When we support farmers, we are also supporting our local economy. Farmers provide jobs and contribute to the vibrancy of our communities. When we buy locally, we are investing in our own communities and ensuring that farmers can continue to do the important work they do.

4. They are the caretakers of the land.

As the world population continues to grow, the demand for food will only increase. Farmers play a critical role in meeting this demand while also stewarding the land.

Farmers have to be careful stewards of the land because they rely on it for their livelihood. They need to maintain a delicate balance between producing enough food to support themselves and their families and not over-exploiting the land. This can be a difficult task, but it is one that farmers take seriously.

In addition to producing food, farmers also provide many other benefits to the land. They help to control erosion, manage pests and diseases, and protect water resources. Farmers are the caretakers of the land and play a vital role in keeping it healthy and productive.

5. They are the stewards of our environment.

As the world's population continues to grow, it is more important than ever that we take care of our environment. Farmers are the stewards of our environment, and it is their responsibility to ensure that the land is healthy and productive.

Farmers have a unique perspective on the environment, and they are in a position to make a real difference. They understand the importance of soil health, water conservation, and wildlife habitat. And they are on the frontline of climate change, dealing with the impacts of extreme weather and drought.

Farmers are making a difference, and they are leading the way in sustainable agriculture. By using innovative practices and technologies, they are reducing their impact on the environment. And they are sharing their knowledge with other farmers so that we all can do our part to protect our planet.

6. They are the keepers of our traditions.

In a world that is increasingly globalized and modernised, it is more important than ever to preserve our traditions. And who is better to be the keepers of our traditions than farmers?

Farmers have been keeping our traditions alive for centuries. They know the importance of maintaining the integrity of our food supply and our way of life. They understand that our traditions are what make us unique and special.

And so, as we celebrate the traditions of our past, let us also give thanks to the farmers who keep them alive. They are the true keepers of our traditions.

7. They are the foundation of our economy.

Farmers are the backbone of our economy. They provide the food that we eat, the clothing that we wear, and the fuel that powers our homes and businesses.

Without farmers, our economy would collapse. That's why it's so important to support our farmers and make sure they have the resources they need to succeed.

Next time when you're at the grocery store, think about where your food comes from and how important farmers are to our economy. Then, be sure to thank a farmer for all they do.

8. They are the heart of our communities. They work tirelessly to care for their crops and animals, and to provide us with the products we need to live.

Without farmers, our communities would be greatly diminished. They are the backbone of our society, and we owe them a great deal of gratitude. We must do everything we can to support them, and to ensure that their hard work continues to benefit us all.

**Conclusion:**

Farmers are some of the most important people in the world. They provide us with food, clothing, and shelter. They help us to live healthy and sustainable lives. And they are the caretakers of the land. We should do everything we can to support them.

**Meenakshee Choudhury**

Bhubaneswar

# ଏକ ଦୀପାବଳୀ ସମ୍ପର୍କରେ



ରେନ୍‌ବୋ ଆପାର୍ଟମେଣ୍ଟ ଲେଡିଜ କ୍ଲବର ନୂଆ ପ୍ରେସିଡେଣ୍ଟ ମିସେସ ରୁଦ୍ରାଣୀ ପାଢ଼ୀଙ୍କ ଆଖିକୁ ନିଦ ନାହିଁ। ସପ୍ତାହକ ପରେ ଦୀପାବଳୀ ଅମାବାସ୍ୟା। ପ୍ରି ଦିବାଲୀ ସେଲିବ୍ରେସନଟା କ୍ଲବରେ ଯେମିତିହେଲେ ଖୁବ ଜୋରଦାରରେ କରିବାକୁ ପଡ଼ିବ। ଆପାର୍ଟମେଣ୍ଟକୁ ଆସିବା ମାତ୍ର ପାଞ୍ଚମାସ ହେଇଛି। ସେଥିରେ ପୁଣି ଇଲେକ୍ସନ ଲଢ଼ି ପ୍ରେସିଡେଣ୍ଟ୍ ପଦ ପାଇଁ ନିର୍ବାଚିତ ହେଇଛନ୍ତି। ପ୍ରେସିଡେଣ୍ଟ୍ ହେଲାପରେ ଏଇଟି ତାଙ୍କର ପ୍ରଥମ ପ୍ରୋଗ୍ରାମ । ଏଣୁ ଏହି ଉତ୍ସବଟିକୁ ଭଲଭାବରେ କରି ତାଙ୍କର ଟ୍ୟାଲେଣ୍ଟକୁ ନିହାତି ଭାବରେ ସମସ୍ତଙ୍କୁ ଦେଖେଇବାକୁ ପଡ଼ିବ। ପୂର୍ବ ପ୍ରେସିଡେଣ୍ଟ ଶୋଭନା ମିଶ୍ର, ରୁଦ୍ରାଣୀଙ୍କର ଏତେ ଶୀଘ୍ର ପ୍ରେସିଡେଣ୍ଟ୍ ହେଇଯିବାକୁ ଯେମିତି ଗ୍ରହଣ କରି ପାରୁ ନ ଥିଲେ। ତାଙ୍କର କିଛି ନେଗେଟିଭ ମନ୍ତବ୍ୟ ମଧ୍ୟ ଏହା ଭିତରେ କେଇଜଣ ଚୁଗୁଲିଖୋର ସଭ୍ୟାମାନଙ୍କ ମାଧ୍ୟମରେ ଆସି ରୁଦ୍ରାଣୀଙ୍କ କାନରେ ପଡ଼ିସାରିଥିଲା। ଏଣୁ ନିଶ୍ଚିତ ଭାବରେ ତାଙ୍କୁ ଆଗରୁ ହେଇଥିବା ପ୍ରି ଦିବାଲୀ ପ୍ରୋଗ୍ରାମଠାରୁ ଏବର୍ଷର ପ୍ରୋଗ୍ରାମକୁ ଅଧିକ ଭଲ କରିବାକୁ ପଡ଼ିବ। ସଭ୍ୟାମାନଙ୍କଠାରୁ ପ୍ରି ଦିବାଲୀ କିପରି ସେଲିବ୍ରେସନ ହେଉଥିଲା ବୁଝି ତା ଅପେକ୍ଷା ଆହୁରି ଭଲ କରିବାକୁ ସେ ରାତିଦିନ ଏକାକାର କରିଦେଇଥିଲେ ଯେମିତି। ତିନି ତିନିଥର ମିଟିଂ କରି ପ୍ରୋଗ୍ରାମର ଆଜେଣ୍ଡା ପ୍ରସ୍ତୁତ କରିଛନ୍ତି। ସଭ୍ୟାମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କଲେ ମଧ୍ୟ ସବୁକାମ ଠିକ୍‌ରେ ହେଉଛି କି ନାହିଁ ନିଜେ ତଦାରଖ କରୁଛନ୍ତି।

ଟେଣ୍ଟ୍ ହାଉସ୍‌ଠାରୁ ଆରମ୍ଭ କରି କ୍ୟାଟରିଂ ଯାଏଁ ସବୁ ଯୋଗାଡ଼ ହେଇ ସାରିଲାଣି। କ୍ଲବର ବଜେଟକୁ ଆଖିରେ ରଖି ଡିଜେବାଲା ସାଙ୍ଗରେ ଝିକଝାକ ହେଇ ଅଳ୍ପଟଙ୍କାରେ ତାକୁ ରାଜି କରେଇଛନ୍ତି। ସବୁ କାମ ସୁରୁଖୁରୁରେ ଆଗେଇ ଚାଲିଛି। ଖାଲି ବାକି ରହିଛି ବାଣ ଓ ଦୀପ କଥା। ବାଣ ତ ସେ ତାଙ୍କସମ୍ପର୍କୀୟ ହୋଲସେଲ ଡିଲରଙ୍କଠାରୁ ଅଳ୍ପ ଦାମରେ ଆଣିବେ ବୋଲି ଡିସାଇଡ କରିଛନ୍ତି। ତାଛଡ଼ା ସଭ୍ୟାମାନେ ମିଶି ନିଷ୍ପତ୍ତି ନେଇଛନ୍ତି ଯେ ପରମ୍ପରା ରକ୍ଷା କରିବାକୁ ଯାଇ ଅଳ୍ପ କେତୋଟି ଦୀପ ଲଗେଇ ଅନ୍ୟ ସବୁ ସ୍ଥାନ କ୍ୟାଣ୍ଡେଲରେ ସଜେଇବେ। ଦୀପ ଲଗେଇଲେ ଅଡୁଆ। ତେଲ ଦେଇ ବାରମ୍ବାର ତେଜିବାକୁ ପଡ଼ିବ। ଏ ବେକାର କାମ କରିବ କିଏ। ଶାଢ଼ୀପଟାରେ ବି ତେଲ ଲାଗିଯିବାର ଭୟ ଅଛି। କ୍ୟାଣ୍ଡେଲ ଆଣିବା ଦାୟିତ୍ୱ ରୁଦ୍ରାଣୀ ନେଇଛନ୍ତି।

ପ୍ରୋଗ୍ରାମ ଦିନ ସକାଳୁ ସଭ୍ୟାମାନେ ରଙ୍ଗୋଲି କରି ଅନ୍ୟ ସବୁକଥା ବୁଝାବୁଝି କରି ଫେରିଲାବେଳକୁ ରୁଦ୍ରାଣୀ ସମସ୍ତଙ୍କୁ ପାଖକୁ ଡାକି କହିଲେ- ଭଉଣୀମାନେ, ଅପରାହ୍ନ ଚାରିଟା ସୁଦ୍ଧା ଆସି ସମସ୍ତେ କ୍ଲବରେ ପହଞ୍ଚିଯିବ। ଶୀତ ଦିନ । ଶୀଘ୍ର ଅନ୍ଧାର ହେଇ ଯାଉଛି।

ସବୁ କାମ ତ ସରିଛି। କେବଳ କ୍ୟାଣ୍ଡେଲ ଲଗେଇବା କଥା। ଏତେ ଶୀଘ୍ର ଆସିବା କ'ଣ ଦରକାର ବୋଲି ସମସ୍ତଙ୍କ ମନରେ ଉଠୁ ଥିବା ପ୍ରଶ୍ନକୁ ପଢ଼ିପାରି ମୁରୁକି ହସି ରୁଦ୍ରାଣୀ କହିଲେ- ସମସ୍ତେ ଠିକ ସମୟରେ ଆସ । ବଳେ ସବୁ ବୁଝିଯିବ।

ସମୟ ଚାରିଟା। ସଜବାଜ ହୋଇ କ୍ଲବ ପାଖରେ ସମସ୍ତେ ହାଜର। ସବୁରି ମୁହଁରେ ଖୁସିର ଝଲକ। ଏଇ ସମୟରେ ଦୁଇଜଣ ଲୋକ ରୁଦ୍ରାଣୀଙ୍କ ଘରୁ ଏକ ବିରାଟ କାର୍ଟୁନ ଆଣି ସାମ୍ନାରେ ରଖିଲେ। କୌତୁହଳ ବଢ଼ୁଥିଲା ସଭ୍ୟାମାନଙ୍କ ମଧ୍ୟରେ। କାର୍ଟୁନ କ'ଣ ପାଇଁ। ପ୍ରେସିଡେଣ୍ଟ ମ୍ୟାମ୍ ବୋଧେ କିଛି ସରପ୍ରାଇଜ ଗିଫ୍ଟ ଦେବେ! ଦିଅନ୍ତୁ। ଭଲ ତ। ସେମାନେ ଯେ ଏତେ ପରିଶ୍ରମ କରିଛନ୍ତି ଏ ପ୍ରୋଗ୍ରାମ ପାଇଁ।

ରୁଦ୍ରାଣୀ ମ୍ୟାମ ଧୀରେ ଧୀରେ ଯାଇ ପେଟି ଖୋଲି ସବୁ ସଭ୍ୟାମାନଙ୍କୁ ପାଖକୁ ଡାକିଲେ। ସମସ୍ତଙ୍କ ଦୃଷ୍ଟି ପଡ଼ିଲା କାର୍ଟୁନ ଭିତରେ। ଏ କଣ। ଏତେ ସବୁ ଦୀପ, ଜଡ଼ା ତେଲ ଆଉ ସଳିତା।

-ଆରେ ଏ କ'ଣ କଲ ରୁଦ୍ରାଣୀ। କ୍ୟାଣ୍ଡେଲ ଲଗେଇବାକୁ ଡିସାଇଡ୍ ହେଇଥିଲା ପରା। ଦୀପ ଧନ୍ଦା କରିବ କିଏ ?

ସାମାନ୍ୟ ଅସନ୍ତୁଷ୍ଟ ହୋଇ କହିଲେ ପୁରାତନ ପ୍ରେସିଡେଣ୍ଟ ତଥା ବୟୋଜ୍ୟେଷ୍ଠା ଶୋଭନା ମିଶ୍ର ମ୍ୟାମ୍।

ତାଙ୍କୁ ସମର୍ଥନ କରି ଏକ ଚାପା ଗୁଞ୍ଜରଣ ଖେଳିଗଲା ସେ ସ୍ଥାନରେ।

- କ'ଣ କରିବି କୁହ। କାଲି ସନ୍ଧ୍ୟାରେ ଯେତେବେଳେ କ୍ୟାଣ୍ଡେଲ କିଣିବାକୁ ଯାଏ ତ ଦେଖିଲି ପିଲାଟିଏ ଗଛ ମୂଳରେ ଦୀପଗୁଡ଼ିଏ ଧରି ବସିଛି। କେହି ଜଣେ ହେଲେ ଗରାଖ ନାହାନ୍ତି। ବିଚରା ସମସ୍ତଙ୍କୁ ଆକୁଳ ହେଇ ଦୀପ କିଣିବାକୁ କହୁଥାଏ। କିଏ ଟିକିଏ ଚାହିଁ ପଳେଇ ଯାଉଥାଏ ତ କିଏ ମୂଲଚାଲ କରି ଫେରିଯାଉଥାଏ। କାହିଁକି କେଜାଣି ତା ପାଖକୁ ଆପେ ଟାଣି ହେଇଗଲି। କଙ୍କାଳ ଦେହରେ ଛିଣ୍ଡା ମଇଳା ଗଞ୍ଜିଟିଏ। ମତେ ଦେଖି ତା ଆଖିରେ ଚମକ ଖେଳିଗଲା। ରାତି ହେଇଯିବ ବୋଲି ତରତର ହେଉଥାଏ। ନେହୁରା ହେଇ କହିଲା ମା' କୋଡ଼ିଏ ଟଙ୍କାରେ ଆଠଟା ଦୀପ। ହେଲେ ବେଳ ହେଇଗଲାଣି। ବିକ୍ରି ହେଉଛି। ଆପଣଙ୍କୁ ଦଶଟା ଦେବି।

ମନ ତରଳିଗଲା। ପାଠ ପଢୁନୁ କି? ଦୀପ ବିକି ଆସୁଛୁ ବୋଲି ପଚାରିଲାରୁ ଓଦା କଣ୍ଠରେ କହିଲା

– ମ୍ୟାମ୍ ମୁଁ ଶିଶୁ ମନ୍ଦିରରେ ଚତୁର୍ଥ ଶ୍ରେଣୀରେ ପଢୁଛି । ମା' ଦୀପ ବିକିବାକୁ ଆସିଥାନ୍ତା । ହେଲେ ତାଙ୍କୁ ଜର । ସେଇଥିପାଇଁ ମୁଁ ଆସିଛି ।

– ଆଉ ବାପା । ସେ ନ ଆସି ତତେ କ'ଣ ପାଇଁ ପଠେଇଛନ୍ତି ?

– ବାପା ନାହାନ୍ତି । ସେ ଥିଲେ ମୁଁ ବା କାହିଁକି ଆସିଥାନ୍ତି ? ଗତ ବର୍ଷ କରୋନାରେ ସେ ଚାଲିଗଲେ । ଦିବର୍ଷ ହେଲାଣି କରୋନା ପାଇଁ ବେଉସା ନାହିଁ । ପୁଣି ଚାଇନା ଲାଇଟ୍‌କୁ ଲୋକମାନେ ଅଧିକ ପସନ୍ଦ କରୁଛନ୍ତି । ଏବର୍ଷ ମା' ପନ୍ଦରଶହ ଦୀପ ବନେଇଥିଲା । ମାତ୍ର ତିନିଶହ ଦୀପ ବିକ୍ରି ହେଇଛି । ଆହୁରି ଗୁଡ଼ିଏ ଦୀପ ବଳି ପଡ଼ିଛି ବୋଲି ମା ଖାଲି କାନ୍ଦୁଛି ।

ମନରେ ଦୟା ଆସିଲା ତାଙ୍କୁ ଗାଡ଼ିରେ ବସେଇ ତା ଘରକୁ ଗଲି । ନୁଆଁଣିଆ ଚାଳଘର । ଦାରିଦ୍ର୍ୟତାର ଚିହ୍ନ ସୁସ୍ପଷ୍ଟ । କତରା ଲଗା ହେଇ ଶୋଇଥାନ୍ତି ମହିଳା ଜଣେ । ପାଖରେ ନୁଖୁରି ମୁଣ୍ଡି କୁନି ଝିଅ ଟିଏ ବ୍ରେଡ୍ ଖଣ୍ଡିଏ ଧରି ବସିଥାଏ । ମତେ ଦେଖି ବହୁ କଷ୍ଟରେ ଉଠି ବସିଲେ ମହିଳା ଜଣକ । ସାମାନ୍ୟ କଥାବାର୍ତ୍ତା ହେଲାପରେ ତାଙ୍କୁ ଉଚିତ ମୂଲ୍ୟ ଦେଇ ସବୁତକ ଦୀପ କିଣି ନେବି ବୋଲି କହିଲି । ବିଶ୍ୱାସ କରି ପାରୁ ନ ଥିଲେ ସେ । ଟଙ୍କା ଦେଇ ଦୀପ ସବୁକୁ ନେଇ ଡିକିରେ ରଖିବାକୁ ଡ୍ରାଇଭରକୁ କହିଲାବେଳକୁ ମହିଳାଙ୍କ ଆଖିରୁ ଧାର ଧାର ହୋଇ ବୋହିଯାଉଥିଲା ଲୁହ । ପିଲାଟି ଆଖିରେ କୃତଜ୍ଞତାର ଭାବ ।

ଏବର୍ଷ କ୍ଲବର ପ୍ରି ଦିବାଲୀ ଫଙ୍କସନରେ କ୍ୟାଣ୍ଡେଲ ନ ଲଗେଇ ବିଶ୍ୱଶାନ୍ତି ପାଇଁ କାମନା କରି ହଜାରେ ଆଠ ଦୀପ ଲଗେଇବା ପାଇଁ ଆପଣମାନଙ୍କ ସହଯୋଗ ଲୋଡୁଛି । ତାଛଡ଼ା ବଳକା ଦୀପ ସବୁକୁ ଯେଉଁମାନଙ୍କର ଦରକାର ଅଛି ଟଙ୍କା ଦେଇ ନିଜ ନିଜ ଘର ପାଇଁ କିଣି ନେବାକୁ ଅନୁରୋଧ କରୁଛି । ତୁମ ମାନଙ୍କର ମତ ନ ନେଇ ଏପରି ଏକ ନିଷ୍ପତ୍ତି ନେଇଥିବାରୁ କ୍ଷମା ମଧ୍ୟ ମାଗୁଛି ।

ସଭ୍ୟାମାନେ ଏକ ସାଙ୍ଗରେ ତାଳିମାରି ତାଙ୍କୁ ସମର୍ଥନ ଜଣାଉଥିଲାବେଳେ ଶୋଭନା ମ୍ୟାମ୍, ରୁଦ୍ରାଣୀ ମ୍ୟାମ୍‌ଙ୍କ ପାଖକୁ ଲାଗି ଆସିଲେ । ଏକ ବିସ୍ଫୋରଣ ଅପେକ୍ଷାରେ ସମସ୍ତେ । ହେଲେ ଘଟିଲା ଅନ୍ୟ କିଛି ।

– ତୁମେ ମୋଠାରୁ ଆହୁରି ଭଲ ଭାବରେ କ୍ଲବର ଦାୟିତ୍ୱ ନେଇ ପାରିବ ବୋଲି ଏବେ ମୋର ବିଶ୍ୱାସ ହେଲା ରୁଦ୍ରାଣୀ । ବିନା ସ୍ୱାର୍ଥରେ ପୁଣି ବିନା ଅହଂରେ ସାମୂହିକ ଭାବରେ କାମ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏତିକି କହି ରୁଦ୍ରାଣୀ ମ୍ୟାମଙ୍କୁ କୁଣ୍ଢେଇ ପକେଇଲେ ସେ ।

ସେଥର ପ୍ରି ଦିବାଲି ଫଙ୍କସନକୁ ଏକ ନିଆରା ଖୁସିରେ ରେନ୍‌ବୋ ଆପାର୍ଟମେଣ୍ଟର ଲେଡିଜ୍ କ୍ଲବ ସଭ୍ୟାମାନେ ପାଳିଥିଲେ ।

**ମମତା ଆଚାର୍ଯ୍ୟ**
ଦାମନଯୋଡ଼ି

# ଜେଜେମା'ଙ୍କ କାର୍ତ୍ତିକ ମାସ



କାର୍ତ୍ତିକ ମାସ ଆସିବାର ମାସେ ଆଗରୁ ଜେଜେମା' ଦିନ ଗଣିବା ଆରମ୍ଭ କରିଦିଅନ୍ତି । ମହାଳୟା ଆସିଲେ ପିତୃପୁରୁଷଙ୍କୁ ପିଣ୍ଡଦାନ ଦିଅନ୍ତି ବାପା । ତା ପରଦିନଠାରୁ ଜେଜେମା'ଙ୍କର ନବରାତ୍ର ପୂଜା ଚାଲେ । ଦିନସାରା କେତେ ନିଷ୍ଠାରେ ଫଳାହାର କରି ଦେବୀ ସ୍ତୋତ୍ର ପାଠ କରୁଥାନ୍ତି । ଦିନରାତି ଅଖଣ୍ଡ ଦୀପ ଜଳୁଥାଏ । ଘରର ପରିବେଶ ପୁରାପୁରି ଅଲଗା ଲାଗେ ରୂପାକୁ । ଧିରେ ଧିରେ ବଡ଼ ହେଲା ପରେ ମାଆ ଦୁର୍ଗାଙ୍କ ପ୍ରତି ତା'ର ଭକ୍ତିଭାବ ବଢ଼ିଚାଲିଲା । ଜେଜେମା' ପୂଜା କରନ୍ତି, ମାଆ ତାଙ୍କୁ ସବୁ ଯୋଗେଇ ଦିଅନ୍ତି । ରାତିସାରା ସମସ୍ତେ ଦୀପକୁ ମଝିରେ ମଝିରେ ଦେଖି ଆସନ୍ତି । ଅଖଣ୍ଡ ଦୀପ ଏମିତି ଜଳୁଥାଇ ମା'ଙ୍କ ଆଶୀର୍ବାଦ ରୂପରେ ।

ତାପରେ ଜେଜେମା' ତାଙ୍କ ବ୍ୟାଗପତ୍ର ପାନବଟା ସବୁ ସଜାସଜି କରିବା ଆରମ୍ଭ କରି ଦିଅନ୍ତି । ତାଙ୍କୁ ଦେଖି ରୂପାକୁ ଲାଗେ ଯେ କାର୍ତ୍ତିକମାସ ଆସିଗଲା ପରା । ଜେଜେମା' ପୁରୀ ଯିବେ ହବିଷ କରିବା ପାଇଁ । ବାପା, ମାଆ, ରୂପା ଆଉ ସାନ ଭାଇ ରାଜା ସମସ୍ତେ ମିଶି ଟ୍ରେନ୍‌ରେ ଜେଜେମା'ଙ୍କୁ ପୁରୀ ଛାଡ଼ିବାକୁ ଯାଆନ୍ତି । ବାପା ତାଙ୍କ ସାଙ୍ଗଙ୍କୁ କହି ଗୋଟିଏ ଭଡ଼ାଘର ଜେଜେମା'ଙ୍କ ପାଇଁ ପୁରୀରେ ବୁଝି ଦେଇଥାନ୍ତି । ସେଇଠି ତାଙ୍କୁ ଛାଡ଼ି ଆସନ୍ତି । ଜଣଙ୍କୁ ବାପା ଠିକ୍ କରି ଦିଅନ୍ତି ସେ ଜେଜେମା'ଙ୍କୁ ଜଗନ୍ନାଥଙ୍କ ମହାପ୍ରସାଦ ସବୁଦିନ ଆଣି ଦିଅନ୍ତି । ତା ପରେ ବାପା ମଝିରେ ମଝିରେ ଯାଇ ଜେଜେମା'ଙ୍କୁ ଦେଖାକରି ତାଙ୍କ ସୁବିଧା ଅସୁବିଧା ବୁଝି ଆସନ୍ତି । ଏମିତି ପୁରୀକୁ ଜେଜେମା' ପ୍ରତିବର୍ଷ ହବିଷ କରିବାକୁ ଯାଆନ୍ତି । ଆଉ କାର୍ତ୍ତିକ ପୂର୍ଣ୍ଣମୀ ପରଦିନ ବାପା ଯାଇ ତାଙ୍କୁ ନେଇ ଆସନ୍ତି । ଜେଜେମା' ଆସି ପହଞ୍ଚିଗଲେ ରୂପା ଓ ରାଜା ବହୁତ ଖୁସି ହୋଇଯାଆନ୍ତି । ତାଙ୍କ ଆଗରେ ଜେଜେମା' କେତେ କଥା କୁହନ୍ତି । କେମିତି ତାଙ୍କ ସାଙ୍ଗମାନଙ୍କ ସହ ଭୋରରୁ ଜଗନ୍ନାଥଙ୍କ ଶ୍ରୀମନ୍ଦିର

ଯାଆନ୍ତି । ଆଉ ପୂର୍ଣ୍ଣମୀ ଦିନ ଭୋର୍‌ରୁ ଯାଇ ନରେନ୍ଦ୍ର ପୁଷ୍କରିଣୀରେ ଡଙ୍ଗା ଭସାନ୍ତି ଶୀତରେ ଥରିଥରି । ଆସିଲା ଦିନ ରୂପା ପାଇଁ ମାଳି ଆଉ ରାଜା ପାଇଁ ମୁଣ୍ଡହଲା ହାତୀ ଖେଳନା ନେଇ ଆସନ୍ତି । ମାଆ ପାଇଁ ମହାପ୍ରସାଦ ଆଣନ୍ତି । ମାଆ ମହାପ୍ରସାଦ ପାଇ ବହୁତ ଖୁସି ହୁଏ । ଶୋଇବା ବେଳେ ଜେଜେମା'ଙ୍କ ପାଖରୁ ରୂପା ଓ ରାଜା ଗପ ଶୁଣନ୍ତି । ପୁରାଣ ଗପ ଜେଜେମା' ତାଙ୍କୁ ଶୁଣାନ୍ତି । ଜେଜେମା'ଙ୍କ ପାଖରେ ଗପର ଅସରନ୍ତି ଭଣ୍ଡାର ଥାଏ । ଜମା ସରେନି ଯେମିତି...

ଧିରେ ଧିରେ ସମୟ ଗଡ଼ି ଚାଲିଲା, ଜେଜେମା' କାର୍ତ୍ତିକମାସ ହେଲେ ପୁରୀ ଯାଇ ପାରନ୍ତିନି ଏବେ । ଘରେ ରହି କାର୍ତ୍ତିକ ବ୍ରତ କରନ୍ତି । ସକାଳ ସାରା ପୂଜାପାଠ ଆଉ କାର୍ତ୍ତିକ ମାହାତ୍ମ୍ୟ ବହି ପଢ଼ନ୍ତି । ଖରାବେଳେ ପାଖ ମନ୍ଦିରରୁ ପ୍ରସାଦ ଆସେ । ରୂପା ଓ ରାଜା ଚାହିଁ ରହିଥାନ୍ତି । ଜେଜେମା' ଖାଇ ବସିଲେ ତାଙ୍କୁ ବି ଟିକେ ଟିକେ ପ୍ରସାଦ ମିଳେ । ଦିନେ ଜେଜେମା' ନିଜ ହାତରେ ମୁଗ ଡାଲମା କରନ୍ତି, କଞ୍ଚା କଦଳୀ ଆଉ ଓଉ ପକା ଡାଲମା ବହୁତ ବଢ଼ିଆ ଲାଗେ ରୂପାକୁ । ତା ପରେ ପଞ୍ଚୁକ ଆସିଯାଏ, ଜେଜେମା', ମାଆ ସମସ୍ତେ ଭୋର୍‌ରୁ ଗାଧୋଇ ପୂଜା କରନ୍ତି । ଚଉରାରେ ସୁନ୍ଦର ସୁନ୍ଦର ଚିତା ପକାନ୍ତି । ରୂପାର ଛୁଟି ଥିଲେ ସେ ଦିନେ ଦିନେ ଗାଧୋଇ ପଡ଼ି ଚିତା ପକାଏ । ମୁରୁଜ ପକାଇବାରେ ତାର ବହୁତ ଆଗ୍ରହ ଥାଏ । ସବୁ ପ୍ରକାର ଫଳ, ଗଜାମୁଗ, ଗଜାବୁଟ, ତାଳଗଜା ସବୁ ପଡ଼ି ଭୋଗ ଠାକୁରଙ୍କୁ ଦିଆଯାଏ । ତାପରେ କାର୍ତ୍ତିକ ପୂର୍ଣ୍ଣିମା ଆସେ । ବାପା ରାତିରେ ରଙ୍ଗ ବେରଙ୍ଗର ଡଙ୍ଗା ଆଣନ୍ତି । କିନ୍ତୁ ଜେଜେମା' କଦଳୀ ପାଟୁକା ଡଙ୍ଗା ଭସାନ୍ତି । ମାଆ ସାଇ ପଡ଼ିଶାରୁ କଦଳୀ ପାଟୁକା ଡଙ୍ଗା ତା ପାଇଁ ଓ ଜେଜେମା'ଙ୍କ ପାଇଁ ଯୋଗାଡ଼ କରିଥାଏ । ରାତିରୁ ଖଡ଼ିକାରେ ତୁଳା ଗୁଡ଼ା ବତୀ ମାଆ ସଜ କରିଦିଏ । ଅରୁଆ ଚାଉଳ, ପାନ, ପଇସା, ଫୁଲ ଆଉ ବତୀ ଲଗେଇ ସମସ୍ତେ ଭୋରରୁ ଭସାଇଦେଉ ଡଙ୍ଗାକୁ । ତା ପରେ ମନ୍ଦିର ଦର୍ଶନ କରି ପ୍ରସାଦ ପାଇ କାର୍ତ୍ତିକ ପୂର୍ଣ୍ଣମୀ ସରିଯାଏ ।

ଆଜି ଆଉ ଜେଜେମା' ନାହାନ୍ତି । କାର୍ତ୍ତିକ ମାସ ଆସୁଚି ଓ ଯାଉଚି । ଜେଜେମା' ବହୁତ ମନେପଡ଼ନ୍ତି । ରୂପା ବାହା ସାହା ହୋଇ ଶାଶୁଘରେ ସଂସାର କଲାଣି । ଜେଜେମା'ଙ୍କ ହାତ ତିଆରି ସେ ମୁଗଡାଲିର ବାସ୍ନାକୁ ସେ ଭୁଲି ପାରୁନି । ଯେତେ କଲେ ବି ସେମିତିକା ବାସ୍ନା ଓ ସ୍ୱାଦ ତାକୁ ମିଳୁନି ।

**ସୀମା ମିଶ୍ର**
ଦାମନଯୋଡ଼ି

# କାର୍ତ୍ତିକ ମାସ



ଆଶ୍ୱିନ ହୋଇଲା ଶେଷ
ଶିଶିରେ ଶିଶିରେ ହୋଇଲା ପ୍ରବେଶ
ଏ ମହା କାର୍ତ୍ତିକ ମାସ
ରାଇ ଦାମୋଦର ହେବେ ବେଶ ।୧

କାର୍ତ୍ତିକ ମାସର ବୁଢ଼
ହବିଷ୍ୟାଳୀ କଲେ ଆମିଷ ଛାଡ
ପାହାନ୍ତି ପହରୁ ହେଲା ଗହଳ
ନଈ, ପୋଖରୀରେ ଜମେ ଭିଡ଼ ।୨

ପୟାଶ୍ରାଦ୍ଧ ଦୀପଦାନ
ପିତୃ ପୁରୁଷଙ୍କ ହରଷ ମନ
ଶ୍ରୀ ରାମଚନ୍ଦ୍ରଙ୍କ ବିଜୟାଗମନେ
ଦୀପାବଳିରେ ଫୁଟଇ ବାଣ ।୩

କାର୍ତ୍ତିକର ସୋମବାର
ସବୁ ବାର ମଧ୍ୟେ ଅଟଇ ସାର
ଜଳ ଢାଳି ଶିବ ଦରଶନେ ମିଳେ
ମନ ବାଞ୍ଛିଥିବା ଯାହା ବର ।୪

ଅନ୍ଧାର ବିନାଶ ପାଇଁ
ଆଲାକର ଜ୍ୟୋତି ଦିଅନ୍ତି ବିଛାଇ
ଜଗତ ଜନନୀ ହୁଅନ୍ତି ପ୍ରକଟ
ମହାକାଳୀ ରୂପ ନେଇ ।୫

ତୁଳସୀ ଚଉରା ପାଶେ
ସଞ୍ଜରେ ଆକାଶ ଦୀପଟି ଦିଶେ
ପଞ୍ଚ ମୁରୁଜର ନାନାଦି ଝୋଟିରେ
ବାଲୁକା ପୂଜନ୍ତି ହୋଇ ହରଷେ ।୬

ପଞ୍ଚୁକର ପାଞ୍ଚଦିନ
ବକ ପକ୍ଷୀ ବି ତ୍ୟଜଇ ମୀନ
ଭକତି ମନରେ ରାଧା ମାଧବଙ୍କୁ
ଭକ୍ତେ ଭଜୁଥାନ୍ତି ରାତି ଦିନ ।୭

ମିଳିଥାଏ କୋଟି ପୁଣ୍ୟ
ପାନ, ଗୁଆ, ଧାନ ଶସ୍ୟ ଥୋଇଣ
ଆକାମାବୈ ଗୀତ ଗାଇ ଗାଇ
କାର୍ତ୍ତିକ ପୂନେଇ ଡଙ୍ଗା ଭସାଣ ।୮

ବରଷକ ବାରମାସ
ଧରମ ମାସ ବୋଲି ହୋଇଛି ଖ୍ୟାତ
ନାମ ସଙ୍କୀର୍ତ୍ତନ ମନରେ ଧ୍ୟାୟିଲେ
ମିଳଇ ବିଷ୍ଣୁ ଲୋକରେ ବାସ ।୯

**ଡଳିପ୍ରଭା ସାମଲ**
ଦାମନଯୋଡ଼ି

# ମହାମାରୀର ବିନାଶ



ସ୍ତବ୍ଧ ଆଜି ପୃଥିବୀ ।।
ସର୍ବତ୍ର ହାହାକାର ।
ମହାମାରୀ କରୋନାର ଆତଙ୍କରେ
ମେଦିନୀ ଥରହର ।
ଭୀତତ୍ରସ୍ତ ସମଗ୍ର ମାନବସମାଜ କରେ
ଆକୁଳ ପ୍ରାର୍ଥନା ।

ବିନାଶ ତ ହୋଇଥିଲା ସେ ମହୀଷାର
କାହିଁ କେଉଁ ଆଦିମ ଯୁଗରୁ
ଏ କେଉଁ ଦାନବ ?
କେଉଁ ଦେବତାଙ୍କର
ବରପ୍ରାପ୍ତିରେ ବଳିୟାନ
ଏ ପରାକ୍ରମୀ ରାକ୍ଷସ ।
ଧ୍ୟାନମୁଦ୍ରାରେ ଦେବୀ ।

ମନୁଷ୍ୟର ଅହଂକାରରୁ
ଜାତ ଏ ଦାନବ ।
ପାଞ୍ଚ ପ୍ରକୃତିକୁ ହେୟଜ୍ଞାନ
କୌଣସି ଅସ୍ତ୍ର ଶସ୍ତ୍ରରେ
ବିନାଶ ନାହିଁ ତାର
ଯୋଗମାୟାଙ୍କର ଚେତାବନୀରେ
ଦେବୀଙ୍କର ତ୍ରିକୁଟ ମାୟା ।

ହଠାତ୍ ଏକ ଲାବଣ୍ୟବତୀର
ରୂପଯୌବନର ବାସ୍ନାୟିତ ବନଭୂମି
ପାଦର ରୁଣଝୁଣୁ ନୁପୂରରେ କମ୍ପିତ ସ୍ୱର ।
କବରୀରେ ଆଶାବରୀ ।

କଙ୍କଣର ଖଣ୍ ଖଣ୍ ଶବ୍ଦରେ
ଆମନ୍ତ୍ରଣର ଝଙ୍କାର

ପୂର୍ଣ୍ଣକୁମ୍ଭ ରସରେ ରସଭରା ନିତମ୍ବ
ନାଭିମଣ୍ଡଳରେ ଶତଶୃଙ୍ଗାରର ଭଉଁରୀ ।
ଅଭିସାର ଅଞ୍ଜନଭରା ନୟନର
ତୀକ୍ଷ୍ଣ କଟାକ୍ଷରେ ରାକ୍ଷସ ଅଭିଭୂତ
ନିସ୍ତବ୍ଧ ବନଭୂମି ।

ଶତସମ୍ଭାରର ରୂପନେଇ ଭୁବନମୋହିନୀ
ବଢୁଥିଲେ ଆଗକୁ ଆଗକୁ
ଏକ ସୁସଜ୍ଜିତ ଜତୁଗୃହ ଅଭିମୁଖେ
ପଛେପଛେ କଦାକାର ମହାମାରୀ
କରୋନା ରାକ୍ଷସ
ପୁରୁଷାକାରର ଆକାର ନେବା ପାଇଁ
ସଙ୍ଗସୁଖ ପାଇଁ
ବାଜୁଥିଲା ମୋହନ ବଂଶୀ,
ଅନ୍ତରାଳେ ରଣଦୁନ୍ଦୁଭି ।

ଅଗ୍ନିସ୍ଫୁଲିଙ୍ଗସମ ତ୍ରିନେତ୍ରୀ ଦେବୀ
ଏବେ ପ୍ରସ୍ତୁତ ଜତୁଗୃହରେ
ସ୍ୱୟଂ ଆବିର୍ଭୂତା ଦଶଭୂଜା ।
ଏବେ ମୋହଗ୍ରସ୍ତର ବେଳ
କରୋନା ରାକ୍ଷସ ସମ୍ପୂର୍ଣ୍ଣ କରାୟତ
ସେ ମୋହାବିଷ୍ଟ, ଶକ୍ତିହୀନ
କେମିତି ବା ବୁଝନ୍ତା ସେ
ମହାଶକ୍ତିଙ୍କୁ, ମହାମାୟାଙ୍କୁ, ମୋହିନୀଙ୍କୁ
ପାଦ ବଢୁଥିଲା ଆହୁରି ଆଗକୁ
ଏକ ମହତ ଉଦ୍ଦେଶ୍ୟର ମନ୍ତ୍ରଧ୍ୱନୀରେ
ନିନାଦିତ ତ୍ରିଭୁବନ
କ୍ରମଶଃ ଦେବୀ ନାଦବ୍ରହ୍ମ
ସହିତ ଏକାକାର ।

ମୋହନ ବଂଶୀର ଝଙ୍କାରରେ
ଉଚ୍ଛୁଳିତ ଯମୁନାର ତୀର
ଏଣେ ଜତୁଗୃହ ମଧ୍ୟେ
ଏକ ଆଗ୍ନେୟ କମ୍ପନ
ଅଗ୍ନିଶିଖା ପରିବ୍ୟାପ୍ତ
ଲେଲିହାନ ଶିଖା ମଧ୍ୟେ ବିନାଶ
କରୋନା ରାକ୍ଷସ ।

ଶାନ୍ତ, ଅବନୀ ଶାନ୍ତି, ବନସ୍ପତି ଶାନ୍ତି ।
ଚତୁର୍ଦ୍ଦିଗରୁ ମୁଖରିତ ଦେବୀଙ୍କର
ଆବାହନୀ ମନ୍ତ୍ର
ଏକ ମାଙ୍ଗଳିକ ଶୁଭ ମୁହୂର୍ତ୍ତରେ ।

**ସଂଘମିତ୍ରା ପଟ୍ଟନାୟକ**
ଭୁବନେଶ୍ୱର

# ଐତିହାସିକ ବାଲିଯାତ୍ରା (ଓଡ଼ିଶାର ପରିଚୟ)



ଆ କା ମା ବଇ ଗୁଆ ପାନ ଥୋଇ
ଗୁଆ ପାନ ତୋର
ମାସକ ଧରମ ମୋର
ମହାକାର୍ତ୍ତିକ ପୂର୍ଣ୍ଣମୀ ତିଥିରେ
ଥିରି ଥିରି ଡଙ୍ଗା ବାହିବୁ ।

ପୂରୁବ କାଳର ପୂରୁବ ମହିମା
ବୋଇତ ବନ୍ଦାଣ କରୁଥିବୁ ।

ଏହିଦିନେ ଆମ ପୂରୁବ ପୁରୁଷ
ଯାଇଥିଲେ ଦେଶ ବିଦେଶ
ବଣିଜ କରି ଫେରିଲେ
ନେଇ କେତେ ଧନ ବିଶେଷ
ମୋତି ମାଣିକ ସ୍ୱର୍ଣ୍ଣ ଅଳଙ୍କାର
ବିଦେଶୁ ଆଣି ଆସିଲେ
କରି ବାଣିଜ୍ୟ ବ୍ୟାପାର ।

ବାଣିଜ୍ୟ ପାଇଁ ଗଲେ ଯେ ଜାଭା ସୁମାତ୍ରା
ସେଇଦିନୁ ମନେ ପକାଇ କରି
ବୋଇତ ବନ୍ଦାଣ ହୁଏ ବାଲି ଯାତରା ।

କାର୍ତ୍ତିକ ମାସ ପରି ଧରମ ମାସରେ
ଜନେ ପକାନ୍ତି ବୁଡ଼ ।
ଦର୍ଶନ ଆଶାରେ ବଡ଼ଦିଅଁର
ସିଂହ ଦୁଆରେ ଲୋକେ ଲଗାନ୍ତି ଭିଡ଼ ।

ଓଡ଼ିଆ ଜାତିର ପରମ୍ପରା ଏଇ
କାର୍ତ୍ତିକ ମାସର ପୂର୍ଣ୍ଣଚନ୍ଦ୍ରଟି
ସରଗୁ ଆସିଛି ଓହ୍ଲାଇ ।

ସପ୍ତରଙ୍ଗରେ ରଙ୍ଗିଛି ବୋଇତ
ବୋଇତ ବନ୍ଦାଣ ପୂର୍ଣ୍ଣମୀରେ
ସାଧବ ପୁଅଟି ଖୁସିଖୁସି ମନେ
ଯାଇଛି ଦରିଆ ପାରେ
ସାଧବ ବୋହୂଟା ଅଧିର ହେଲାଣି
ବନ୍ଦାପନା ଦୀପ ଧରି
ସାଧବ ପୁଅ ଆସିଲେ ବିଦେଶୁ
ଘରକୁ ନେବେ ବନ୍ଦାପନା କରି

**ଶିଖା ନାୟକ**
ଭୁବନେଶ୍ୱର

# ଚଷାପୁଅ



ତୁମେତ ସାଉଣ୍ଟି ଆଣ
ଖରା ବର୍ଷା ଶୀତକୁ ତୁମ କ୍ଷେତରେ
ଶତ ସୂର୍ଯ୍ୟର ଆଲୋକ ନେଇ ।
ନିଜ ଭୋକିଲା ପେଟକୁ ପଛକୁ ପକାଇ
ଲୁହକୁ ଲହୁରେ ବଦଳାଇ
ଖୋଲିଦିଅ ଲକ୍ଷ୍ମୀଭଣ୍ଡାର ଦୁନିଆ ଦୁଆରେ ।
ତୁମର ଥାଏ କି ପରିଚୟ ନା ମାନ ସମ୍ମାନ
ତଥାପି ଭ୍ରୂକ୍ଷେପ ନଥାଏ
ପ୍ରମାଣ ପତ୍ରିକା ପାଇଁ ।
ଦିନରାତି ଏକ କରି ଅଳସକୁ ଦୂରକରି
ହସ ହୋଇ ଝରିଯିବାକୁ ପସନ୍ଦ କର ବୋଲି
ଚଷାପୁଅ ଡାକରେ ତୁମେ
ମସ୍‌ଗୁଲ୍ ସଦାସର୍ବଦା ଅଭାବ ଅନାଟନରେ
ସନ୍ତୁଳି ହୋଇ ହୋଇ ତୁମ ଦିନ ସରିଯାଏ
ଦୁଃଖ ସବୁ ଫଲ୍‌ଗୁଧାରା ହୋଇ
ବହିଯାଏ ସିନା କିଏ ବି ଜାଣି ପାରେନା
ତୁମ ଦୁଃଖର ଗଭୀରତାର
ମାପ ବା ସତରେ କେତେ ?
ଅଜବ ତୁମ ଚିନ୍ତାଧାରା
କେଉଁ ଧାତୁରେ ଗଢ଼ା

ତୁମ ଦେହ ଭାବିଲେ ବି ଭାବି ହୁଏନା
ମାଟିରେ ମାଟି ହୋଇ
ପଥର ଛାତିରୁ ସୁନାଫୁଲ
ଫୁଟେଇବାରେ ମାହିର୍ ତୁମେ ଚଷାପୁଅ ।
କୁହତ କିଏ ଜାଣିପାରେ
ତୁମର ଝରିଯାଇଥିବା ଝାଳର ମହତ୍ତ୍ୱ ?
କିଏ ଗଢ଼ିପାରେ ତୁମ ଆଖିର
ନିରବ କାହାଣୀ ।
କିଏ ଶୁଣିପାରେ ତୁମର
ପିଲାଛୁଆଙ୍କ ବିକଳ କ୍ରନ୍ଦନ
ଖାଲି କଂସା ବାସନ ପାଖରେ

ମୁଠାଏ ଅନ୍ନ ପାଇଁ ତଥାପି ଚଷାପୁଅ
ଯୁଗେଯୁଗେ ଗୋଟିଏ କଥା
ଉଡୁଥାଏ ଚାଷ କାମ ଯାହାର
କେତେ ସୁଖ ତାହାର
ସେଇ ଏକା ଯୋଗାଉଛି ଦୁନିଆକୁ ଆହାର ।
ପୁରୁଣା ଯୁଗରୁ ତୁମେ ଧିରେ ଧିରେ
ଆଧୁନିକ ଯୁଗରେ ପାଦ ଦେଲ
ନିଜେ ବଦଳିଲ ବଦଳାଇ ଦେଲ
ନିଜ କଳା କୌଶଳ
ଅତ୍ୟାଧୁନିକ ଯନ୍ତ୍ରର ସ୍ପର୍ଶରେ
ଫଳାଇଲ ଶସ୍ୟ ମାଣେରୁ ଦଶମାଣ
ଭେଟି ଦେଲ ନୂଆ ନୂଆ ଚାଷ ଜ୍ଞାନ
କେତେ ଝଡ଼ ଝଞ୍ଜା, ଦୁର୍ବିପାକକୁ
ନିଜ ପିଠିରେ ବୋହି
ଭଙ୍ଗାଅଣ୍ଟା ସିଧା କରି ବଞ୍ଚିବାର ରାହା
ଦେଖିଛ ଦେଖାଇଛ ଜନସମାଜକୁ
କାଳକାଳ ପାଇଁ
ଚଷାପୁଅଟିଏ ହୋଇ ସମାଜ ବକ୍ଷରେ ।

**ଜ୍ୟୋସ୍ନାରାଣୀ ରାଉତ**
ନାଳକୋ ଅନଗୁଳ

# TOUCHING LIVES

## भुवनेश्वर




माननीय केंद्रीय संसदीय कार्य, कोयला व खान मंत्री श्री प्रल्हाद जोशी तथा सचिव, खान मंत्रालय श्री विवेक भारद्वाज के नालको आगमन पर स्वागत गान प्रस्तुत करते हुए नालको महिला समिति की सदस्याएँ




दशहरा के अवसर पर आयोजित कार्यक्रम के दौरान मंचासीन मो कॉलेज अभियान के चेयरमैन श्री आकाश दास नायक एवं शुभश्री दास (समाज सेविका) के साथ अध्यक्षा श्रीमती सस्मिता पात्रा



दीपावली की पूर्व संध्या पर आयोजित कार्यक्रम के दौरान नालको महिला समिति की अध्यक्षा श्रीमती सस्मिता पात्रा तथा समिति की सदस्याएँ



कनकमंजरी कन्या उच्च विद्यालय (खलीकोट) में स्वच्छता की ओर जागरूकता कार्यक्रम के दौरान स्वच्छता किट का वितरण



नालको महिला समिति द्वारा आयोजित पिकनिक के दौरान अध्यक्षा श्रीमती सस्मिता पात्रा एवं सदस्याएँ




नालको महिला समिति द्वारा झरना बस्ती (भुवनेश्वर) के मंदिर परिसर में आयोजित स्वच्छता अभियान में अध्यक्षा श्रीमती सस्मिता पात्रा के नेतृत्व में भाग लेती हुईं समिति की सदस्याएँ तथा इस अवसर पर जरूरतमंदों को स्वच्छता किट के वितरण का दृश्य




बाल दिवस के अवसर पर नालको महिला समिति द्वारा आयोजित मैजिक शो कार्यक्रम में  महान जादूगर विष्णु प्रसाद से जादू की कला में दिलचस्पी दिखाते हुए नालको कॉलोनी के बच्चे



नालको महिला समिति की अध्यक्षा श्रीमती सस्मिता पात्रा द्वारा उद्घाटित मधुकुंज नर्सरी में पौधों को निहारती हुई नालको महिला समिति की सदस्याएँ



नालको महिला समिति की अध्यक्षा श्रीमती सस्मिता पात्रा के साथ क्रिसमस तथा नव-वर्ष - 2023 के स्वागत समारोह  में  भाग लेती हुई समिति की सदस्याएँ

# अनुगुळ



नालको महिला समिति, अनुगुळ की नई उपाध्यक्षा श्रीमती गीतांजली बेहेरा का स्वागत करते हुए समिति की सदस्याएँ



नालको महिला समिति, अनुगुळ की उपाध्यक्षा का अभिनन्दन समारोह



समाज सेविका सुश्री चिन्मयी दास के साथ नालको महिला समिति, अनुगुळ की सदस्याएँ मानव सेवा अनाथ आश्रम में अनाथ बच्चों को आवश्यक सामग्री वितरित करते हुए



अनुगुळ नालको महिला समिति की सदस्याओं द्वारा उद्यान भ्रमण




दीपावली की पूर्व संध्या को मनाते हुए अनुगुळ नालको महिला समिति की सदस्याएँ



दुर्गापूजा समारोह को उल्लासपूर्वक मनाती हुई अनुगुळ नालको महिला समिति की सदस्याएँ

## दामनजोड़ी




नालको कन्वेंशन सेंटर, दामनजोड़ी का उद्घाटन करते हुए नालको के अध्यक्ष एवं प्रबंध निदेशक श्री श्रीधर पात्र तथा नालको महिला समिति की अध्यक्षा श्रीमती सस्मिता पात्रा



माँ कंटबासुणनी मंदिर में देवी दर्शन के लिए जाती हुई नालको महिला समिति की अध्यक्षा श्रीमती सस्मिता पात्रा और उपाध्यक्षा श्रीमती सोनिया पाढ़ी



नालको महिला समिति की अध्यक्षा श्रीमती सस्मिता पात्रा का स्वागत करती हुई दामनजोड़ी नालको महिला समिति की सदस्याएँ



शहीद लक्ष्मण नायक के वर्षगाँठ के अवसर पर जरूरतमंदों को कम्बल बाँटते हुए दामनजोड़ी नालको महिला समिति की सदस्याएँ




दामनजोड़ी नालको महिला समिति द्वारा हसबैंड नाइट समारोह का आयोजन




दीपावली समारोह को हर्षोल्लास से मनाती हुई दामनजोड़ी नालको महिला समिति की सदस्याएँ

**Readers are requested to send their write ups, suggestions and feedback to nmssangini@gmail.com in clear handwriting or soft copy before 15th Frebruyary 2023 - Editor-in-Chief**

नालको NALCO

National Aluminium Company Limited

# Born in ODISHA..
# Grown in ODISHA..
# Globally Represents ODISHA...



No. 1
**Lowest**
Cost Producer
of **Alumina**
in World

No. 1
**Lowest**
Cost Producer
of **Bauxite**
in World

2nd
**Highest**
Net Foreign Exchange
Earning **CPSE**
in the Country

# NALCO

## THE INDUSTRIAL KONARK OF ODISHA

Designed and printed by sanket